କଳିଙ୍ଗ ସାହିତ୍ୟ ସମାଜ

# ସାହିତ୍ୟ



# ସୂଚୀକ୍ରମ

## ପ୍ରବନ୍ଧ ଓ ସମାଲୋଚନା


| | | |
|---|---|---|
| ସାରଳା ଦାସ ଓ 'ମହାଭାରତ' | ଡ. ପ୍ରସନ୍ନ କୁମାର ସ୍ୱାଇଁ | ୭ |
| ଶତାବ୍ଦୀର କବି ସଚ୍ଚିଦାନନ୍ଦଙ୍କ କବିତାରେ ଶୈଳୀ ପରିବର୍ତ୍ତନର ସଂକେତ | ଡ. କୁଳମଣି ଓଝା | ୨୦ |
| ସମାଜ ସଂସ୍କାରକ: ଶ୍ରୀବତ୍ସ ପଣ୍ଡା | ଡ. ପ୍ରଦୀପ କୁମାର ପଟ୍ଟନାୟକ | ୨୭ |
| ଚରିତ ସାହିତ୍ୟ ପରମ୍ପରାରେ ଅଖିଳମୋହନଙ୍କ ଅସଂପୂର୍ଣ୍ଣ ଆତ୍ମଜୀବନଚରିତ | ଡ. ରତ୍ନପ୍ରଭା ସାହୁ | ୩୫ |
| ୧୮୮୮ର ବ୍ରହ୍ମପୁର | ଅନନ୍ତ ରାମ କର (କୌଣ୍ଡିନ୍ୟ) | ୪୩ |
| ଓଡ଼ିଆ ପତ୍ରପତ୍ରିକାର ବିକାଶରେ ଗଂଜାମର ଅବଦାନ | ବୃଷକେତୁ ଦାଶ | ୪୭ |
| ଲୋକନାଟ: ପରଭା ନାଟ | ପ୍ରଶାନ୍ତ କୁମାର ପଟ୍ଟନାୟକ | ୫୧ |
| ଅମୃତ ଅନୁଭୂତିର ଅପରୂପ ଆଲେଖ୍ୟ: 'ଅମୃତର ସନ୍ତାନ' | ସୁରଜା ସିଂ | ୫୪ |
| ମନୋଜ ଦାସଙ୍କ ସୃଷ୍ଟିରେ ଅସହାୟତାର ଜୀବନଚିତ୍ର | ବାଣିଶ୍ରୀ ରାଇ | ୫୯ |
| ଫକୀରମୋହନଙ୍କ ଗଳ୍ପରେ ସମାଜଚିତ୍ର: | ଡ.ସାଗରିକା ମହାପାତ୍ର | ୬୫ |
| ଗ୍ରାମଦେବୀ ଚନ୍ଦ୍ରମା: ଏକ ଅନୁଶୀଳନ | ରାମାରାଓ ମାଝୀ | ୬୩ |


## ଆଦିବାସୀ ସଂସ୍କୃତିଭିତ୍ତିକ ଆଲୋଚନା


| | | |
|---|---|---|
| ସାମାଜିକ ବିବର୍ତ୍ତନରେ ଆଦିବାସୀ ସଂସ୍କୃତି | ସମୀର ଭୋଇ | ୭୮ |
| କୁଟିଆ କନ୍ଧ ପରମ୍ପରାରେ ତର୍ଯ୍ୟତ୍ରିକ ଧାରା | କ୍ଷେତ୍ରବାସୀ ମାନ୍‌ସେଠ୍ | ୮୫ |
| କୁଇ ଲୋକଗୀତରେ ସାମାଜିକ ସଦ୍‌ଭାବନା | ଡ.ନଳିନୀ କୁମାର ପାଣିଗ୍ରାହୀ | ୯୭ |


## ଗଳ୍ପ


| | | |
|---|---|---|
| ମୃତ ସ୍ୱପ୍ନର ସାଏରୀ | କିଶୋର ଆକାଶ | ୧୦୩ |
| କ୍ଳୀବ | ଚିତ୍ତରଞ୍ଜନ ତ୍ରିପାଠୀ | ୧୧୦ |
| ସୁଇଟର | ପ୍ରଶାନ୍ତ ମହାନ୍ତି | ୧୧୭ |
| ଚିଠି | ଲକ୍ଷ୍ମଣ କୁମାର | ୧୨୩ |
| ହେଲମ୍ୟାଟ୍ ସଂପର୍କରେ ତିନୋଟି ଆଭାସ ଗଳ୍ପ | ଦିଲୀପ କୁମାର ଚୌଧୁରୀ | ୧୨୭ |


## କବିତା


| | | |
|---|---|---|
| ସବୁ ଶବ୍ଦ ସରିଗଲାପରେ | ଅମିୟବାଳା ପଟ୍ଟନାୟକ | ୧୩୧ |
| ସହ୍ୟା | ବିପ୍ର ଆଚାର୍ଯ୍ୟ | ୧୩୨ |


Scanned with OKEN Scanner

ରାମାରାଓ ମାଝୀ

# ଗ୍ରାମଦେବୀ ଚନ୍ଦ୍ରମା : ଏକ ଅନୁଶୀଳନ

ଶକ୍ତିପୂଜାର ପରମ୍ପରା ଆମ ସଭ୍ୟତା ଓ ସଂସ୍କୃତିର ଏକ ଅଂଶବିଶେଷ । ଭାରତର ବିଭିନ୍ନ ଶକ୍ତିପୀଠରେ ମୃଣ୍ମୟୀ ଦେବୀମୂର୍ତ୍ତିଙ୍କୁ ଆବାହନ ଓ ଶାସ୍ତ୍ରୀୟ ପଦ୍ଧତିରେ ପୂଜାବିଧିର ପ୍ରଚଳନ କେଉଁ ଅନନ୍ତ କାଳରୁ ସ୍ୱୀକୃତ ଓ ସମାଦୃତ । ମାତୃପୂଜାର ଆରାଧନା ଭାରତୀୟ ସଂସ୍କୃତି ଓ ଲୋକ ଜୀବନଧାରାର ଏକ ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ । ସୀମାନ୍ତ ଓଡ଼ିଶାର ବିଭିନ୍ନ ଗ୍ରାମଦେବୀ ପୀଠରେ ମାତୃପୂଜାର ପରମ୍ପରା ଓଡ଼ିଆ ଲୋକଜୀବନକୁ ଅଧିକ ସମୃଦ୍ଧ ଓ ସଂସ୍କୃତି ସଂପନ୍ନ କରିପାରିଛି । ସାଂସ୍କୃତିକ ଜୀବନଧାରାର ବୈଶିଷ୍ଟ୍ୟ ମଧ୍ୟରେ ସଂସ୍କୃତି ଅଧ୍ୟୟନ  ପ୍ରକଟିତ ହୁଏ ।

ବୈଦିକ ଯୁଗ ଠାରୁ ଆରମ୍ଭ କରି ମହାଭାରତ, ପୁରାଣ ଓ ଇତିହାସ ଯୁଗରେ ଶକ୍ତି ଉପାସନାର ଧାରା କ୍ରମ ପରିବର୍ତ୍ତନ ପଥରେ ବହୁଧା ପରିମାର୍ଜିତ ଓ ପରିବର୍ଦ୍ଧିତ ହୋଇ ନିରବଚ୍ଛିନ୍ନ ଭାବେ ପ୍ରବାହିତ ରହିଛି । ଅଧୁନା ବିଜ୍ଞାନ ବଳରେ ଗ୍ରହାନ୍ତର ଯାତ୍ରା ସମ୍ଭବ ହୋଇଥିଲେ ମଧ୍ୟ ଶକ୍ତି ଉପାସନାର ଧାରା ବ୍ୟାହତ ହେବାର ସମ୍ଭାବନା ନାହିଁ । କାରଣ ଉପାସନା ହିଁ ବିଜ୍ଞାନର ମୂଳଭିତ୍ତି ।

ଏ ଅଞ୍ଚଳ ଥିଲା ଓଡ଼ିଆ ଭାଷା ଓ ସଂସ୍କୃତି ଦ୍ୱାରା ପ୍ରବାହିତ । ଭାରତ ବର୍ଷର ନୂତନ ରାଜନୈତିକ ମାନଚିତ୍ରକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହା ପୂର୍ବ ଉପକୂଳବର୍ତ୍ତି ସମତଳ ଅଞ୍ଚଳରେ ଅବସ୍ଥିତ, ବିଚ୍ଛିନ୍ନାଞ୍ଚଳ ଅନ୍ତର୍ଗତ ଆଧୁନିକ ଶ୍ରୀକାକୁଲମସ୍ଥ ଏକ ନିଛାଟିଆ ପଡ଼ା ପାଙ୍ଗା ଗ୍ରାମରେ ପ୍ରତ୍ୟକ୍ଷଦେବୀ ଶ୍ରୀ ଚନ୍ଦ୍ରମାଙ୍କ ଅବସ୍ଥାନ । କାଳ କାଳ ଧରି ପ୍ରକୃତିର ବିଭିନ୍ନ ଘାତପ୍ରତିଘାତ ମଧ୍ୟରେ ଏମାନଙ୍କ ଜୀବନଯାତ୍ରା ନିଜସ୍ୱ ଶୈଳୀରେ ଗଢ଼ିଉଠିଛି । ନୀଳସାଗର ବେଷ୍ଟିତ ପ୍ରାକୃତିକ ଶୋଭା ବିମଣ୍ଡିତ ଏ କ୍ଷେତ୍ରରେ ସାଧାରଣ ଅଧିବାସୀ ବେଶ ଆଧ୍ୟାତ୍ମିକ ବିଶ୍ୱାସ । ଫଳତଃ ମାନବୀୟ ଆରାଧନାର ଧାରାକୁ ଆଧାର କରି ଏଠାରେ ଗଢ଼ି ଉଠିଛି ଅନେକ ଆରାଧନା କ୍ଷେତ୍ର ।

ଏଠାରେ ବିଭିନ୍ନ ପର୍ବପର୍ବାଣୀ, ପୂଜାପାଠ, ଯାନିଯାତ୍ରା ବିଧି ବିଧାନରେ ପାଳିତ ହୋଇଥାଏ । ସେଥିମଧ୍ୟରୁ ଗ୍ରାମଦେବୀ ଚନ୍ଦ୍ରମା ଠାକୁରାଣୀଙ୍କ ପର୍ବ ଅନ୍ୟତମ । ପତି ଦୁଇବର୍ଷ

Scanned with OKEN Scanner

ଅନ୍ତରରେ ଚୈତ୍ର-ବୈଶାଖ ମାସରେ ପାଳିତ ହେଉଥିବା ଏହି ଯାତ୍ରା ଗ୍ରାମର ସାମାଜିକ, ସାଂସ୍କୃତିକ ତଥା ଅର୍ଥନୈତିକ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ସ୍ଥାନ ଅଧିକାର କରିଥାଏ । ପାଣ୍ଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମାଆ 'ଠାକୁରାଣୀ'ଙ୍କ ଏହି ଯାତ୍ରା ମହୋତ୍ସବ ପାଳନ ଅବସରରେ ସୁଦୂର ଗ୍ରାମାଞ୍ଚଳରୁ ଅଗଣିତ ଦର୍ଶନାଭିଳାଷୀ ଆକର୍ଷିତ ହୋଇ ଆସିଥାନ୍ତି ।

ଏହିଯାତ୍ରା ପୁରୁଷାନୁକ୍ରମେ ପାରମ୍ପରିକ ଭାବେ ନାୟକ (ଯେଉଁମାନେ ଗ୍ରାମର ଉନ୍ନତି ନିମନ୍ତେ ସର୍ବଦା ଚେଷ୍ଟିତ) ସଂପ୍ରଦାୟ ଲୋକମାନଙ୍କ ଦ୍ୱାରା ପ୍ରଚଳିତ ଥିବା ଜଣାଯାଏ । ଏ ସଂପର୍କରେ କୌଣସି ଐତିହାସିକ ତଥ୍ୟ ଉପଲବ୍ଧ ହୁଏ ନାହିଁ । ଏଠାରେ ନାୟକ ଓ ବାରିକ (ଯିଏ ବାର୍ତ୍ତା ଜଣାଇଥାଏ) ପାହାଣ ସଂପ୍ରଦାୟ ପରିବାରଙ୍କ ସମ୍ପୃକ୍ତି ବିଚାରକୁ ନିଆଯାଇପାରେ ।

## ମନ୍ଦିର ନିର୍ମାଣ ଇତିହାସ:

ଗ୍ରାମର ଉଭୟ ପାର୍ଶ୍ୱରେ ସିଂହଦ୍ୱାର ରୂପେ ଦୁଇଟି ମନ୍ଦିର ପ୍ରତିଷ୍ଠିତ । ଡ଼ାହାଣ ପାର୍ଶ୍ୱରେ ଦ୍ୱାରକା ପୋତନାଙ୍କ ମନ୍ଦିର ଏବଂ ଗ୍ରାମର ବାମପାର୍ଶ୍ୱସ୍ଥ ୨୦୦ମି. ଦୂର ବିଶିଷ୍ଟ ଆଲ୍‌ଆନ୍ଧ୍ରା ରାସ୍ତାକଡ଼ରେ ଶ୍ରୀ ଚନ୍ଦ୍ରମାଙ୍କ ମନ୍ଦିର ଅବସ୍ଥିତ । ଗଜପତି ରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ସମସାମୟିକ ନିର୍ମିତ ଏହି ମନ୍ଦିର ସ୍ୱର୍ଗତ ଶ୍ରୀ ଲିଙ୍ଗାଲ ମାଝୀଙ୍କ ତତ୍ତ୍ୱାବଧାନରେ ପୁନଃପ୍ରତିଷ୍ଠା ହୋଇଥିବା ଜଣାଯାଏ । ମନ୍ଦିର ମୁଖଦ୍ୱାରେ ଶ୍ରୀଯୁକ୍ତ ଏଣ୍ଡୁ ଦଳାଇଙ୍କ ଦ୍ୱାରା ଲୌହନିର୍ମିତ ଫାଟକ ନିର୍ମାଣ କରାଯାଇଅଛି । ଏଠାରେ ମା' ଜଗତ୍‌ଜନନୀ ନିମକାଷ୍ଠ ସ୍ୱରୂପ ଚନ୍ଦ୍ରମା ରୂପେ ପୂଜିତ ହୋଇଥାନ୍ତି । ଏହାର ବାମପାର୍ଶ୍ୱରେ ନିଲମ୍ମା ଦେବୀଙ୍କ ମନ୍ଦିର ପ୍ରତିଷ୍ଠିତ । ଗ୍ରାମର ଉନ୍ନତି ନିମନ୍ତେ ଗ୍ରାମଉନ୍ନୟନ କମିଟି ରହିଅଛି, ଯାହା ବାଣାୟତ ଓଡ଼ିଆ ଜନସେବା ସଂଘ ମାଧ୍ୟମରେ ପରିଚାଳିତ । ଏହା ଗ୍ରାମର ସମଗ୍ର ଉନ୍ନତି ଓ ମନ୍ଦିର ବାର୍ଷିକ ଆୟ ବ୍ୟୟ ଅଟକଳ ଇତ୍ୟାଦି ନିର୍ବାହ କରିଥାଏ । ଭଗବାନଙ୍କ ଉନ୍ନତି ନିମନ୍ତେ ଗ୍ରାମବାସୀ ସର୍ବଦା ଚେଷ୍ଟିତ ।

## କିମ୍ବଦନ୍ତୀ:

ଏକଦା ଗ୍ରାମବାସୀ ଦୈନନ୍ଦିନ ଜୀବନର ପାରିଶ୍ରମିକ ଭତ୍ତା ନିମିତ୍ତ କାର୍ଯ୍ୟରତ ସମୟରେ ରାସ୍ତା ମଧ୍ୟ ଦେଇ ଅତିବାହିତ ବୁଢ଼ା ସଙ୍ଖାରିଟିଏ ଥକିପଡ଼ି ଗ୍ରାମର ଶେଷ ଦ୍ୱାରେ କିଛି ସମୟ ବିଶ୍ରାମ ନେଉଥିଲେ । ଠିକ୍ ସେହି ସମୟରେ ଅପରୂପ ସୌନ୍ଦର୍ଯ୍ୟ, ଗୁଣସଂପନ୍ନ, ଦିବ୍ୟଚେତନା ସ୍ୱରୂପ ଏକ ସ୍ତ୍ରୀ ବୁଢ଼ା ସଙ୍ଖାରୀଙ୍କ ନିକଟରେ ଉପେକ୍ଷିତ ହୋଇ ନିଜର ମୁତାବକ ଅନୁସାରେ ପଦ୍ମଠାରୁ କିଳକ(ବାହୁ) ପର୍ଯ୍ୟନ୍ତ ଦୁଇହାତ ସମ୍ପୂର୍ଣ୍ଣ ରୂପେ ଶଙ୍ଖା ଧାରଣ କରିବା ପାଇଁ ବୁଢ଼ା ସଙ୍ଖାରୀଟିକୁ ଅନୁରୋଧ କଲେ । ସ୍ତ୍ରୀ ଲୋକଟିର ଅନୁରୋଧକ୍ରମେ ବୁଢ଼ା ଶଙ୍ଖାରୀ ଦୁଇହାତ ମୁତାବକ ଅନୁଯାଇ ଶଙ୍ଖା ପିନ୍ଧାଇ ଦେଲେ ଏବଂ କହିଲେ ମାଆ; ପାଉଣା ଦେଲେ ମେଲାଣି ନେବି । କିନ୍ତୁ ସ୍ତ୍ରୀ ଲୋକଟି କୌଣସି ପାଉଣା ନଦେଇ ଘରଟିକୁ ଦେଖାଇ; ସେ ଘରଲୋକେ କାମକୁ ଯାଇଛନ୍ତି ଆସିଲେ ତାଙ୍କ ଠାରୁ ପାଉଣା ନେଇ ଯିବେ କହି ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ବୁଢ଼ା ଗ୍ରାମବାସୀଙ୍କ ଅପେକ୍ଷାରେ ଦୀର୍ଘ ସମୟ କାଳାତିପାତ କରି ବିରକ୍ତ

ହୋଇଯାଇଥିଲେ । ଗ୍ରାମବାସୀ ନିଜ କାର୍ଯ୍ୟ ସଂପୂର୍ଣ୍ଣ କରି ଘରକୁ ଫେରିବା ବେଳେ ବୁଢ଼ା ଭୀଷଣ ଜର୍ଜରିତ ହୋଇ, ଆଜ୍ଞା ଆପଣଙ୍କ ନିମନ୍ତେ ମୁଁ ବହୁସମୟ ଅପେକ୍ଷା କରିଛି । ଭୋକ ଉପାସରେ ଏପରି ବୁଢ଼ାଟିକୁ ଏତେ ସମୟ ଅପେକ୍ଷା କରାଇବା ଠିକ୍ ନଥିଲା, କହି ବୁଢ଼ା ପ୍ରଚଣ୍ଡ ହୋଇଯାଇଥିଲେ । ପ୍ରକୃତ ବିଷୟଟି ଉପସ୍ଥାପିତ ନକରି ବୁଢ଼ା ଗ୍ରାମବାସୀଙ୍କ ଉପରେ ରାଗିଯାଇଥିବାରୁ ଗ୍ରାମବାସୀ ମଧ୍ୟ ବୁଢ଼ା ଉପରେ ନିଜର ପ୍ରତାପ ଦେଖାଇଥିଲେ । ଏତିକିବେଳେ ବୁଢ଼ା ଶାନ୍ତ ହୋଇ ବିଷୟଟିକୁ ଉପସ୍ଥାପନ କରିଥିଲେ । ଗ୍ରାମବାସୀ ବୁଢ଼ାକୁ ପ୍ରତ୍ୟୁତ୍ତର ଦେଇ କହିଲେ, ଆମ ଘରେ ବା ଆମ ବଂଶରେ ଆଜି ପର୍ଯ୍ୟନ୍ତ ଝିଅ ନାହାନ୍ତି । ଆପଣ ଠକ, ମିଥ୍ୟା କଥା କହୁଛନ୍ତି । ଉଭୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା; ସମଗ୍ର ଗ୍ରାମବାସୀ ଚିନ୍ତନମୁଗ୍ଧ, ନୀରବତା, ନିଃସହାୟତା ସମୟରେ ହଠାତ୍ ଘର ମଧ୍ୟରୁ ରୁଣ୍‌ଝୁଣ୍ ଶବ୍ଦ ଏବଂ ସେହି ଘରଟି ସତେ ଯେପରି ଅତ୍ୟନ୍ତ ସୌନ୍ଦର୍ଯ୍ୟମୁଗ୍ଧ ତେଜିୟାନ କାନ୍ତିମୟ, ନୁପୂରର ତାଳେ ତାଳେ ମହୁରୀର ସ୍ୱରେ ପାଦଦେଇ ମାଆ ଅଧିଷ୍ଠାତ୍ରୀ ଦେବୀ ନୃତ୍ୟପରିବେଷଣ କରୁଛନ୍ତି ଏକଥା ମନେହୁଏ । ଗ୍ରାମବାସୀ ବୁଢ଼ାକୁ କ୍ଷମା ମାଗି ଶଙ୍ଖ ହୁଳହୁଳି ଆନନ୍ଦ ଉତ୍ସବ ସହ ପାଲିଙ୍କିରେ ବୁଢ଼ାଙ୍କୁ ସ୍ୱଗୃହେ ପ୍ରତ୍ୟାବର୍ତ୍ତନ କରାଇଥିଲେ । ମାଁ ଚନ୍ଦ୍ରମାଙ୍କୁ ଚନ୍ଦନ, ହଳଦିବେଷ୍ଟିତ କୁଙ୍କୁମ ସାହାଯ୍ୟରେ ପୂଜା ଆରାଧନା କରିଥିଲେ ।

ଅନ୍ୟ ଏକ କିମ୍ବଦନ୍ତୀ ଅନୁଧ୍ୟାନ କଲେ ଜଣାଯାଏ ଯେ ଅଧିଷ୍ଠାତ୍ରୀ ଦେବୀ ମାଆ ଠାକୁରାଣୀ ଗ୍ରାମର ପୂର୍ବଭାଗରେ ବସ୍ତିସ୍ଥାପନ କରିଥିବା ପାହାଣ (ହରିଜନ) ସଂପ୍ରଦାୟ ଗୋପୀ ବାରିକ, ପୂର୍ବପୁରୁଷଙ୍କ ପାଳିତ କନ୍ୟାରୂପେ ପୂଜିତ ହେଉଥିବା ଏଠାରେ ଦୃଷ୍ଟିଗୋଚର ହୋଇଥାଏ । ଏକଦା ଏହି ସଂପ୍ରଦାୟର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ଅଧିଷ୍ଠାତ୍ରୀ ଦେବୀ ଚନ୍ଦ୍ରମା ସେମାନଙ୍କୁ ଉଦ୍ଧାର କରି ସେମାନଙ୍କ ସେବାରେ ସନ୍ତୁଷ୍ଟ ହୋଇ ପାଳିତ କନ୍ୟା ରୂପେ ପୂଜିତ ହେଉଥିବା ଅନୁମାନ କରାଯାଏ । ପରମ୍ପରା ଅନୁଯାୟୀ ବିବାହିତ କନ୍ୟା ଯେପରି କିଛିମାସ, ବର୍ଷ, ଦିନ ବ୍ୟବଧାନରେ ବାପ ଘରକୁ ବୁଲିବାକୁ ଯାଏ, ଠିକ୍ ସେହିପରି 'ଠାକୁରାଣୀ' ମଧ୍ୟ ପ୍ରତି ଦୁଇବର୍ଷ ଅନ୍ତରରେ ଗୋପୀ ବାରିକ ଏବଂ ନାୟକ ସଂପ୍ରଦାୟର ଲୋକଙ୍କ ଘରକୁ ବୁଲିବାକୁ ଯିବା କଥା ଏଠାରେ ସୁସ୍ପଷ୍ଟ । ସେଠାରେ ଠାକୁରାଣୀଙ୍କ ରହଣିକାଳ ପର୍ଯ୍ୟନ୍ତ ବାରିକ ଓ ନାୟକ ସଂପ୍ରଦାୟ ଲୋକଙ୍କ ମାଧ୍ୟମରେ ଠାକୁରାଣୀ ଯାତ୍ରା ପାଳିତ ହୁଏ ।

## ଠାକୁରାଣୀ ଯାତ୍ରାର ବିଧିବିଧାନ:

ପ୍ରତ୍ୟେକ ଦୁଇବର୍ଷ ଅନ୍ତରରେ ମାଆ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହୁଏ । ଏଥି ନିମନ୍ତେ ଗ୍ରାମର ଜାନି ଏବଂ ଗ୍ରାମ ମୁଖିଆ, ନାୟକ ଏବଂ ପାହାଣ ସଂପ୍ରଦାୟ ଲୋକମାନଙ୍କ ସହିତ ଆଲୋଚନା କରି ଯାତ୍ରା ଆୟୋଜନ ନିମନ୍ତେ ଏକ ନିଷ୍ପତ୍ତି ନେଇଥାନ୍ତି । ଏହି ଆଲୋଚନାଚକ୍ରରେ ସମଗ୍ର ଗ୍ରାମବାସୀ ଯୋଗଦାନ କରିଥାନ୍ତି । ଗ୍ରାମ ମୁଖିଆଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଅନୁଯାଇ 'ଠାକୁରାଣୀ' ପର୍ବ ଅନୁଷ୍ଠିତ ହୁଏ । ଏହା ଯାତ୍ରାର ପ୍ରଥମ

Scanned with OKEN Scanner

ବିଧି । ଗ୍ରାମଦେବୀଙ୍କ ଆଗମନ ପୂର୍ବରୁ ଅଧିଷ୍ଠାତ୍ରୀ ଦେବୀଙ୍କ ନିମନ୍ତେ ଗ୍ରାମର ମଧ୍ୟଭାଗରେ ଏକ ସୁନ୍ଦର ସୁସଜ୍ଜିତ ଅସ୍ଥାୟୀ ମନ୍ଦିର ନିର୍ମାଣ କରାଯାଏ ।

ଯାତ୍ରା ଆରମ୍ଭର ପ୍ରଥମ ରାତିରେ ଜାନି ସମଗ୍ର ଗ୍ରାମବାସୀଙ୍କୁ ସଚେତନ କରାଇ ଗ୍ରାମଦେବୀଙ୍କ ନିମନ୍ତ୍ରଣ ନିମନ୍ତେ ଆବଶ୍ୟକ ସାମଗ୍ରୀ ଯଥା– କଳାଚୁଡ଼ି, କଜ୍ଜଳମୁଦି, କଜ୍ଜଳମାଳି, ଫରୁଆ, ଦର୍ପଣ, ହଳଦି ବେଷ୍ଟିତ କୁଙ୍କୁମ, ପାନ, ଗୁଆ, ହରିଦ୍ରା, ହଳଦୀ, ପଞ୍ଚବର୍ଣ୍ଣ ପୁଷ୍ପ, ଅଣଲେଉଟା ଚକୁଳି (ଯାହା ଲେଉଟାଯାଏ ନାହିଁ), ପୂର୍ଣ୍ଣ ଘଟ , ଖିରି, ଖେଚୁଡ଼ି, ନଡ଼ିଆ, କଦଳୀ, ଧୂପଦୀପ, ନୈବେଦ୍ୟ, ବିଭିନ୍ନ ବାଦ୍ୟ, ବାଜଣା, ନୃତ୍ୟ ସହ ଏକ ଚାଙ୍ଗୁଡ଼ିରେ ଫୁଲମାଳଟିଏ ଧରି ମନ୍ଦିରକୁ ଶୋଭାଯାତ୍ରାରେ ବାହାରନ୍ତି । ସେଠାରେ ଗ୍ରାମଦେବୀ ଚନ୍ଦ୍ରମା ଠାକୁରାଣୀଙ୍କ ବଡ଼ଭଉଣୀ ନିଲାମ୍ବାଙ୍କୁ ଯାତ୍ରାର ସ୍ୱାଗତ ସମ୍ବର୍ଦ୍ଧନା ପୂଜାର୍ଚ୍ଚନା ମାଧ୍ୟମରେ ଜଣାଇଦିଆଯାଇଥାଏ । ପରିଶେଷରେ ଠାକୁରାଣୀଙ୍କ ମନ୍ଦିର ପ୍ରବେଶ ପୂର୍ବକ ପ୍ରଥମେ ଦ୍ୱାରକା ପୋତନାଙ୍କୁ ପୂଜାର୍ଚ୍ଚନା ଭୋଗ ଦିଆଯାଏ । ତା'ପରେ ଠାକୁରାଣୀ ମନ୍ଦିରକୁ ବାହାରନ୍ତି । ସେଠାରେ ଠାକୁରାଣୀଙ୍କ ମସ୍ତକରେ ଫୁଲହାରକୁ ସ୍ଥାପନ କରି ପୂଜାର୍ଚ୍ଚନା ମାଧ୍ୟମରେ ନିମନ୍ତ୍ରଣ କରାଯାଏ । ପୂଜାବିଧି ସମୟରେ ଆଜ୍ଞାମାଳ ସମ୍ମୁଖସ୍ଥ ଚାଙ୍ଗୁଡ଼ିରୁ ପତିତ ହେଲେ ତାହାକୁ ଦେବୀଙ୍କ ଆଜ୍ଞା ଭାବି ଯାତ୍ରା ଆରମ୍ଭ କରାଯାଏ । ସେହି ପୁଷ୍ପମାଳ ପରବର୍ତ୍ତୀ ସମୟରେ ଏକ ଚିତ୍ରିତ ମାଟିଘଟ ମଧ୍ୟରେ ସ୍ଥାପନ କରି ଅସ୍ଥାୟୀ ମନ୍ଦିରକୁ ଶୋଭାଯାତ୍ରାରେ ନିଆଯାଏ । ଏହି ସମୟରେ ଦେବୀ ପିତ୍ରାଳୟରେ ଅବସ୍ଥାନ କରିଥିବା ଲୋକବିଶ୍ୱାସ ରହିଅଛି । ବିଭିନ୍ନ ବାଦ୍ୟ, ବାଜଣା ଓ ଘଣ୍ଟ କାହାଳୀର ଧ୍ୱନିରେ ଉତ୍ସବ ମୁଖର ଜନତା ମୂଳଘଟ ସହ ଆଉ ଆଠଗୋଟି ଚିତ୍ରିତ ଘଟକୁ ସଂଯୁକ୍ତ କରି ଯାତ୍ରା ଆରମ୍ଭ କରିଥାନ୍ତି । ଗ୍ରାମବିଜେ ଆଗମନ ମଧ୍ୟରେ ପାହାଣ ସଂପ୍ରଦାୟର ଲୋକେ ଦେବୀଙ୍କ ସନ୍ତୁଷ୍ଟ ନିମନ୍ତେ କୁକୁଡ଼ାଟିଏ ଉପହାର ଦେଇଥାନ୍ତି । ଦେବୀ ଉକ୍ତ କୁକୁଡ଼ାଟିକୁ ଦୁଇ ନଖ ସାହାଯ୍ୟରେ ମୁଣ୍ଡ ଗଣ୍ଡି ଅଲଗା କରି ଗ୍ରାମପଥେ ଅଗ୍ରସର ହୁଅନ୍ତି । ସର୍ବ ପ୍ରଥମେ ପାହାଣ ସଂପ୍ରଦାୟର ଲୋକଙ୍କ ଘରେ ଆଦ୍ୟ ଉପସ୍ଥାନ କରି ନାୟକ ସଂପ୍ରଦାୟ ଲୋକଙ୍କ ଘରେ ପ୍ରବେଶ କରନ୍ତି । ପ୍ରତିଦିନ ଜାନିଙ୍କ ଧର୍ମପତ୍ନୀ ଘଟକୁ ଧାରଣ କରନ୍ତି । ଅନ୍ୟ ଆଠଗୋଟି ଘଟକୁ ଅନ୍ୟାନ୍ୟ ଆତ୍ମୀୟ ମାନେ ଧାରଣ କରି ସନ୍ଧ୍ୟା ସମୟରେ ସାହି ସାହି ପରିକ୍ରମା କରନ୍ତି । ଏହାକୁ ଠାକୁରାଣୀଙ୍କ ନିମନ୍ତ୍ରଣ କୁହାଯାଏ । ପ୍ରଥମେ ମାଆ ନାୟକ ସଂପ୍ରଦାୟର ଲୋକଙ୍କ ପ୍ରାସାଦରେ ପ୍ରବେଶ କରି ତତ୍‌ପରବର୍ତ୍ତୀ ଅନ୍ୟାନ୍ୟ ସାହି ପରିକ୍ରମା କରନ୍ତି । ସେହି ସମୟରେ ଗ୍ରାମର ଝିଅ, ବଧୂମାନେ ଦେବୀଙ୍କ ପୂଜାର୍ଚ୍ଚନା କରନ୍ତି । ନିଜେ ନିଜର ମନସ୍କାମନା ପୂରଣ ନିମନ୍ତେ ସାଷ୍ଟାଙ୍ଗ ପ୍ରଣିପାତ କରି ମା'ଙ୍କୁ ନିଜର ଗୁହାରି ଜଣାନ୍ତି । ଯାତ୍ରା ଦିନ ଗୁଡ଼ିକରେ ଜାନି; ଦେବୀକୁ ପୂଜାର୍ଚ୍ଚନା କରନ୍ତି । ଦେବୀଙ୍କ ମଣ୍ଡପରୁ ଫୁଲମାଳକୁ ଘଟରେ ସ୍ଥାପନ କରନ୍ତି । ବିଶ୍ୱାସ ଅଛି ଘଟ ମାଧ୍ୟମରେ ଯାତ୍ରା ସମାପନ ପର୍ଯ୍ୟନ୍ତ ପୁଷ୍ପମାଳ ସତେଜ ରହିଥାଏ । ଯାତ୍ରା ସମୟରେ ଦେବୀଙ୍କ ମନୋରଞ୍ଜନ ନିମନ୍ତେ ଭକ୍ତମାନେ ମାନସିକ କରି ଭିନ୍ନ ଭିନ୍ନ ବେଶରେ ଆପଣାକୁ ସଜାଇଥାନ୍ତି । ଯଥା: କୃଷ୍ଣ, ବଳରାମ, ଅର୍ଜୁନ, ପିଲାଖାଇ ଡାହାଣୀ, ବାଘ, ଶବର, ଶବରୁଣୀ ପରି ଅନେକ ଲୌକିକ ଆଧ୍ୟାତ୍ମିକ ରୂପ ମଧ୍ୟ

Scanned with OKEN Scanner

ଏ ସମୟରେ ଦେଖିବାକୁ ମିଳେ । ଆଲୋକମାଳରେ ସୁସଜ୍ଜିତ ସମଗ୍ର ଗ୍ରାମ ଏହି ସମୟରେ ଉତ୍ସବମୁଖର ହୋଇଉଠେ । ଦେବୀଙ୍କ ଯାତ୍ରା ସମୟରେ ଚୈତ୍ର-ବୈଶାଖର ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବାପାଇଁ ଛାମୁଣ୍ଡିଆ କରାଯାଇଥାଏ ।

ଯେଉଁ ମହିଳାମାନେ ଯାତ୍ରାର ଶେଷଦିନରେ ଘଟ-ଶୋଭାଯାତ୍ରାରେ ଅଂଶଗ୍ରହଣ କରନ୍ତି ସେମାନେ ଦିନସାରା ଉପବାସ ରହି ମଧ୍ୟାହ୍ନରେ ନିଜ ଘରେ ଘଟ ସ୍ଥାପନ କରି ଦୀପଜାଳି ପୂଜା ଆରମ୍ଭ କରନ୍ତି । ଉକ୍ତଦିନ ଜାନିଙ୍କ ଘରେ ସହସ୍ର ଚକ୍ଷୁ (ଛିଦ୍ରଯୁକ୍ତ) ଘଟ ସ୍ଥାପିତ ହୋଇ ପୂଜାର୍ଚ୍ଚନା କରାଯାଏ ।

ଯାତ୍ରା ଆରମ୍ଭ ଦିନ ଠାକୁରାଣୀ ମନ୍ଦିରରୁ ଅଣାଯାଇଥିବା ଇଟଲା ଓ ମଲ୍ଲୀଫୁଲ ମାଳ ଘଟରେ ସ୍ଥାପନ କରିବା ସହ ଆଠ ଗୋଟି ପାର୍ଶ୍ୱଘଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିରରେ ପ୍ରବେଶ କରାନ୍ତି । ଠାକୁରାଣୀଙ୍କ ମନ୍ଦିରରେ ଏହି ସମସ୍ତ ଘଟ ଓ ଶେଷ ଦିନରେ ବସାଇଥିବା ଘଟ ଅନ୍ୟାନ୍ୟ ଘଟ ବିସର୍ଜନ କରାଯାଏ ।

ମା'ଙ୍କ ସନ୍ତୁଷ୍ଟ ନିମନ୍ତେ ଭକ୍ତଗଣ ନିଜର ମାନସିକ ଫଳ ପ୍ରଦାନ କରନ୍ତି । ଭୋଗ, ନୈବେଦ୍ୟ ସହ ପଶୁବଳି ମଧ୍ୟ ଦିଆଯାଏ । ପ୍ରଥମେ ନାୟକ ସଂପ୍ରଦାୟ ଲୋକଙ୍କ ପଶୁବଳି ପରେ ଅନ୍ୟାନ୍ୟ ଲୋକଙ୍କ ପଶୁବଳି ଭୋଗ ଦିଆଯାଇଥାଏ ।

ଆୟୋଜନ ପ୍ରଥମ ଦିନ ଠାରୁ ଆରମ୍ଭ କରି ଅନ୍ତିମ ଦିନ ପର୍ଯ୍ୟନ୍ତ ଲୋକେ ବହୁ ଆଡ଼ମ୍ବରରେ ପର୍ବ ପାଳନ କରନ୍ତି । ଚତୁର୍ଦ୍ଦିଗ ନାନା ରଙ୍ଗ ବେରଙ୍ଗର ଆଲୋକରେ ଶୋଭାପାଉଥାଏ । ମଙ୍ଗଳାମୟୀ ମା ଚନ୍ଦ୍ରମାଙ୍କ ପ୍ରତ୍ୟାବର୍ତ୍ତନରେ ଗ୍ରାମବାସୀ ଶିତଳଷଷ୍ଠୀ ପାଳନ କରି ନିଜେ ନିଜର କର୍ମକ୍ଷେତ୍ରରେ ଅଗ୍ରସର ହୋଇଥାନ୍ତି ।

ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,

Scanned with OKEN Scanner